# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 8 June – 2024

---

# ପି.ଏମ୍. - ପ୍ରେସିଡେଣ୍ଟ

ଏନ୍‌ଡିଏ ସଂସଦୀୟ ଦଳର ନେତା ନରେନ୍ଦ୍ର ମୋଦି ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଛନ୍ତି । ଆସନ୍ତାକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଶ୍ରୀ ମୋଦିଙ୍କ ସମେତ ନୂତନ କ୍ୟାବିନେଟ୍ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ପୂର୍ବରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତିକ୍ରମେ ନେତା ଭାବେ ମନୋନୀତ ସଂକ୍ରାନ୍ତ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

---

# ବିଦ୍ୟାଳୟ ଖୋଲିବ

ରାଜ୍ୟରେ ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟ ଗୁଡ଼ିକ ଖୋଲିବାକୁ ଥିବାରୁ ଏହା ପୂର୍ବରୁ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ଆସନ୍ତା ୧୮ ତାରିଖରେ ସ୍କୁଲ୍ ଖୋଲୁଥିବାରୁ ଏହାର

ଏକସପ୍ତାହ ପୂର୍ବରୁ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚମାଧ୍ୟମିକ, ଉଚ୍ଚପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ଶ୍ରେଣୀଗୃହ ଓ ପରିସରକୁ ସଫା କରିବା ସହ ଆସବାବପତ୍ର ଓ ପାଣିଟାଙ୍କି ସଫା କରିବା ଉପରେ ବିଭାଗ ଗୁରୁତ୍ୱ ପ୍ରଦାନ କରିଛି । ସେହିଭଳି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇଘର ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟ ସୁନିଶ୍ଚିତ କରିବା ଲାଗି ବିଦ୍ୟାଳୟ ଖୋଲିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୭ତାରିଖରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟ ଆସିବା ନେଇ ବାଧ୍ୟତାମୂଳକ କରାଯାଇଛି ।

## ବଜ୍ରାଘାତ ମୃତ୍ୟୁ

ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। **ଖଡିଆଳ** କିରିକିଟା ଗାଁରେ ବଜ୍ରପାତରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସେହିପରି **କରଞ୍ଜିଆ**ର କୋଇଲିପାଳ ଗାଁରେ ବଜ୍ରପାତରେ ଗୋଟିଏ ଝିଅର ମୃତ୍ୟୁ ହୋଇଥିବାବେଳେ ବାପା ଗୁରୁତର ଆହତ ହୋଇଛନ୍ତି। **ଖଣ୍ଡପଡା** ଗୌରପାଟଣା ଗାଁରେ ଜଣେ ମହିଳା ଏବଂ କାମାକ୍ଷାନଗର ବାଘୁଆ ଗାଁରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। **କେନ୍ଦୁଝର** ଜିଲ୍ଲା ଗୁମୁରା ଓ **କନ୍ଧମାଳ** ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ଜିଡିଙ୍ଗି ଗାଁରେ ବଜ୍ରପାତରେ ୨ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ଇନ୍‌ଷ୍ଟାଣ୍ଟ୍ ପରୀକ୍ଷା ନିମନ୍ତେ ଆସନ୍ତା ୧୧ ଓ ୧୨ ତାରିଖରେ ଫର୍ମ ପୂରଣ କରାଯିବ । ପ୍ରଥମ ପର୍ଯ୍ୟାୟରେ ଚଳିତମାସ ୧ରୁ ୫ ଯାଏଁ ଫର୍ମ ପୂରଣ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୧୩ ତାରିଖ ସୁଦ୍ଧା ଆବେଦନକାରୀ ସେମାନଙ୍କର ପ୍ରମାଣପତ୍ର ଅପ୍‌ଲୋଡ୍ ପାଇଁ ସୁଯୋଗ ଦିଆଯାଇଛି । ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ ଶିକ୍ଷାରେ ଚଳିତମାସ ୨୮ ତାରିଖରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ୨୦ ତାରିଖରେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଜୁଲାଇ ୧୫ରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ।

## ଚଳଚ୍ଚିତ୍ର ଉତ୍ସବ

ଭୁବନେଶ୍ୱର ସୂଚନା ଭବନ ଠାରେ ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଅତିଥିମାନେ ଓଡ଼ିଆ ସିନେମାର ୯ ଦଶନ୍ଧିର ଯାତ୍ରାକୁ ନେଇ ପ୍ରସ୍ତୁତ ଏକ ଗବେଷଣାମୂଳକ ପୁସ୍ତକ **ଓଡ଼ିଆ ସିନେମା ଆଟ୍ ୯୦**ର ଲୋକାର୍ପଣ କରିଛନ୍ତି। ଏହି ଉତ୍ସବରେ ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ଦିନରେ ୫ଟି ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

# ଅଗ୍ନିବୀର

ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ଠାରେ ଆସନ୍ତା ଜୁଲାଇ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଅଗ୍ନିବୀର ଯୋଜନାରେ ପ୍ରାର୍ଥୀ ଚୟନ କରାଯିବ । ଏଥିରେ ରାଜ୍ୟର ୧୦ରୁ ୧୨ଟି ଜିଲ୍ଲାର ଆବେଦନ କରିଥିବା ପ୍ରାର୍ଥୀମାନେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଏ ନେଇ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୈନିକ ୪୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଅଂଶ ଗ୍ରହଣ କରିବେ । ବୈଠକରେ ଆର୍ମି ଏଡି କଲେଜର କର୍ଣ୍ଣେଲ୍ ଆନନ୍ଦ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

# କ୍ରିକେଟ୍

ଓଡ଼ିଶା କ୍ରିକେଟ୍ ଆସୋସିଏନ୍ ଦ୍ୱାରା ଆୟୋଜିତ ୧୯ ବର୍ଷରୁ କମ୍ ପୁରୁଷ ଅନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ର ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ୩୧୧ ରନ୍‌ରେ ସୋନପୁରକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର-ଏ ୪୨ ଦଶମିକ ୪ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୩୫୧ ରନ୍ କରିଥିଲା । ଅନ୍ୟ ମ୍ୟାଚ୍‌ରେ ଅନୁଗୁଳ' କୋରାପୁଟକୁ ଏବଂ ଜଗତସିଂହପୁରକୁ ଝାରସୁଗୁଡ଼ା ପରାସ୍ତ କରିଥିବା ଜଣାପଡ଼ିଛି ।

# ଶକ୍ତି ଉତ୍ତୋଳନ

ସର୍ବଭାରତୀୟ ଶକ୍ତି ଉତ୍ତୋଳନ ମହାସଂଘ ଦ୍ୱାରା ଆୟୋଜିତ ଜାତୀୟ ଉପ-କନିଷ୍ଠ ଓ କନିଷ୍ଠ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳ ଘୋଷଣା କରାଯାଇଛି । ଏଥିରେ ୧୪ ଜଣ ପୁରୁଷ ଓ ୧୦ ଜଣ ମହିଳା ଖେଳାଳି ଅଛନ୍ତି । ଦଳର ପ୍ରଶିକ୍ଷକ ତଥା ପରିଚାଳକ ଭାବେ ଗଙ୍ଗାଧର ବିଷୋଇଙ୍କୁ ଚୟନ କରାଯାଇଛି ।

## ଗ୍ରୀଷ୍ମ ପ୍ରବାହ

ରାଜ୍ୟରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଏହି ସମୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ରୁ ୪୪ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁବାର ସମ୍ଭାବନା ରହିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଆଜି ପାଇଁ ବରଗଡ଼, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆର୍ଦ୍ରତା ବୃଦ୍ଧି ପାଇବା ସହ ଗୁଳୁଗୁଳି ହେବାର ସମ୍ଭାବନା ରହିଛି ।